# NATIONAL NEWS BULLETIN (ODIA)
## 06th July - 2024
## Mid-day Bulletin : 1.50 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ନୀନା ସାହୁ**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜିଠାରୁ ଚାରିଦିନିଆ ଓଡ଼ିଶା ଗସ୍ତ ।

— ଆସନ୍ତାକାଲି ପୁରୀ ବଡ଼ଦାଣ୍ଡରେ ରଥ ଉପରେ ଶ୍ରୀଜିଉଙ୍କୁ କରିବେ ଦର୍ଶନ ।

- ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୨୨ ତାରିଖରୁ ହେବ ଆରମ୍ଭ ।

- ମାସୁଦ ପେଜେସ୍କିଆନ୍ ହେବେ ଇରାନ୍‌ର ଚତୁର୍ଦ୍ଦଶ ରାଷ୍ଟ୍ରପତି ।

- ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଆସନ୍ତା ୧୨ ତାରିଖରେ ଲୋଡ଼ିବ ଆସ୍ଥା ଭୋଟ୍ ।

ଏବଂ

- ଭାରତ-ଜିମ୍ବାୱେ ମଧ୍ୟରେ ଆଜି ହରାରେଠାରେ ଖେଳାଯିବ ଚଳିତ ଟି-ଟ୍ୱେଣ୍ଟି ସିରିଜ ପ୍ରଥମ ମ୍ୟାଚ୍ ।

## ପ୍ରେଜ୍ - ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସେ ଦେଖିବେ । ରାଷ୍ଟ୍ରପତି ଭବନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଆଜି ସନ୍ଧ୍ୟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବେ । ଜୟଦେବ ଭବନରେ ହେବାକୁ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ପୁଣ୍ୟତିଥି କାର୍ଯ୍ୟକ୍ରମରେ ଆଜି ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ  ଯୋଗଦେବେ । ରାଷ୍ଟ୍ରପତି ମୁର୍ମୁ ଆଜି ରାଜଭବନରେ ରାତ୍ରିଯାପନ କରିବେ । ଭୁବନେଶ୍ୱର ଉଦୟଗିରି ଗୁମ୍ଫା ସୋମବାର ଦିନ ପରିଦର୍ଶନ କରିବା ସହ ବିଭୁତି କାନୁନ୍‌ଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଏବଂ ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚରର ବିଦ୍ୟାର୍ଥୀମାନଙ୍କ

ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ସେହିଦିନ ଭୁବନେଶ୍ୱର ଉପକଣ୍ଠ ହରିଦାମଡ଼ା ଗ୍ରାମରେ ବ୍ରହ୍ମାକୁମାରୀଙ୍କ ଦିବ୍ୟ ରିଟ୍ରିଟ୍ ସେଣ୍ଟରର ଉଦ୍‌ଘାଟନ କରିବେ । ଏହି ଅବସରରେ "ଲାଇଫ୍‌ଷ୍ଟାଇଲ୍ ଫର୍ ସଷ୍ଟେନାବିଲିଟି" ଅଭିଯାନର ଶୁଭାରମ୍ଭ କରିବେ । ମଙ୍ଗଳବାର ଦିନ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭୁବନେଶ୍ୱରଠାରେ ନାଇଜର୍'ର ତ୍ରୟୋଦଶତମ ଗ୍ରାଜୁଏସନ୍ ସେରିମନୀରେ ଯୋଗଦେବେ ।

## ଓଡ଼ିଶା - ଆସେମ୍ବ୍ଲି

ଓଡ଼ିଶାର ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ଜୁଲାଇ ୨୨ ତାରିଖରୁ ଆରମ୍ଭ ହେବ । ଏହି ଅଧିବେଶନ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧବବେଶନ ଆରମ୍ଭର ଦୁଇ ଦିନ ପରେ ଅର୍ଥାତ୍ ୨୪ରେ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ । ୨୫ରେ ରାଜ୍ୟ ବି.ଜେ.ପି. ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ପାଖରେ ଅର୍ଥ ବିଭାଗ ରଖିଥିବାରୁ ସେ ବଜେଟ୍ ଉପସ୍ଥାପନ କରିବେ । ଜୁଲାଇ ୨୯ ଓ ୩୦ରେ ବଜେଟ୍ ଆଲୋଚନା, ୩୦ରେ ଲେଖାନୁଦାନ ପ୍ରସ୍ତାବ ଏବଂ ୩୧ରେ ଲେଖାନୁଦାନ ଉପରେ ବ୍ୟୟ ମଞ୍ଜୁରି ବିଧେୟକ ଉପସ୍ଥାପନ ହେବ । ଦୁଇଟି

ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ୨୭ଟି କାର୍ଯ୍ୟଦିବସ ରହିଛି । ଅଗଷ୍ଟ ପହିଲାରୁ ୧୯ ତାରିଖ ପର୍ଯ୍ୟନ୍ତ ଅଧିବେଶନ ବନ୍ଦ ରହିବ । ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ୨୦ରୁ ଆରମ୍ଭ ହେବା ସହ ସେପ୍ଟେମ୍ବର ୧୨ ଓ ୧୩ରେ ବେସରକାରୀ କାର୍ଯ୍ୟଦିବସ ରହିଛି ।

## ପି.ଏମ୍.-ଏଚ୍.ଏମ୍. - ଶ୍ୟାମାପ୍ରସାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦୃଢ଼ ରାଷ୍ଟ୍ରବାଦୀ ଚିନ୍ତାଧାରା ଭାରତକୁ ଗୌରବାନ୍ୱିତ କରିଛି । ଶ୍ରୀ ମୋଦି କହିଛନ୍ତି, ମାତୃଭୂମି ପ୍ରତି ତାଙ୍କର ସମର୍ପଣ ଏବଂ ତ୍ୟାଗ ଦେଶବାସୀଙ୍କୁ ସର୍ବଦା ପ୍ରେରଣା ଯୋଗାଉଥିବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି, ଡକ୍ଟର ମୁଖାର୍ଜୀ ଦେଶର ଏକତା ଏବଂ ଅଖଣ୍ଡତା ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବେ । ସେ କହିଛନ୍ତି, ଡକ୍ଟର ମୁଖାର୍ଜୀ ଜନସଂଘର ପ୍ରତିଷ୍ଠା ସହିତ ଦେଶକୁ ବିକଳ୍ପ ବିଚାରଧରା ପ୍ରଦାନ କରିଛନ୍ତି ।

## ବାବୁ ଜଗଜ୍ଜୀବନ ରାମ୍

ପୂର୍ବତନ ଉପପ୍ରଧାନମନ୍ତ୍ରୀ ବାବୁ ଜଗଜ୍ଜୀବନ ରାମଙ୍କ ୩୮ତମ ପୁଣ୍ୟତିଥି ପାଳନ ଅବସରରେ ସମଗ୍ର ଦେଶ ଆଜି ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଲୋକସଭାର ପୂର୍ବତନ ବାଚସ୍ପତି ତଥା ଜଗଜ୍ଜୀବନ ରାମଙ୍କ କନ୍ୟା ମୀରା କୁମାର ପରିବାରବର୍ଗଙ୍କ ସହ ଆଜି ନୂଆଦିଲ୍ଲୀର ସମତାସ୍ଥଳରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ବାବୁ ଜଗଜ୍ଜୀବନ ରାମ ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ।

## ଇରାନ୍ ପ୍ରେସିଡେଣ୍ଟ ଇଲେକ୍‌ସନ୍

ସଂସ୍କାରବାଦୀ ନେତା ତଥା ଇରାନ୍‌ର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ମାସୁଦ୍ ପେଜେସ୍କିଆନ୍ ଇରାନ୍‌ର ଚତୁର୍ଦ୍ଦଶ ରାଷ୍ଟ୍ରପତି ହେବେ । ରାଷ୍ଟ୍ରପତି ନିର୍ବାଚନରେ ସେ ସଇଦ ଜଲିଲିଙ୍କୁ ପରାସ୍ତ କରିଛନ୍ତି । ମାସୁଦ୍ ପେଜେସ୍କିଆନ୍ ମୋଟ୍ ୩ କୋଟିରୁ' ୧ କୋଟି ୬୦ ଲକ୍ଷରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ରାଷ୍ଟ୍ରପତି ପଦପାଇଁ ଗତକାଲି ପୁନଃ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ଗତମାସ ୨୮ ତାରିଖରେ ଅନୁଷ୍ଠିତ

ମତଦାନରେ ପେଜେସ୍କିଆନ୍‌ଙ୍କୁ ୪୨ ଦଶମିକ ୬ ପ୍ରତିଶତ ଭୋଟ୍ ମିଳିଥିବାବେଳେ ଜଲିଲି ୩୮ ଦଶମିକ ୮ ପ୍ରତିଶତ ଭୋଟ୍ ପାଇଥିଲେ । ଇରାନ୍‌ରେ ରାଷ୍ଟ୍ରପତି ପଦପାଇଁ ୫୦ ପ୍ରତିଶତରୁ ଅଧିକ ମତର ଆବଶ୍ୟକତା ରହିଛି । ୨୮ ତାରିଖ ନିର୍ବାଚନରେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ସ୍ପଷ୍ଟ ମତ ନ ମିଳିବାରୁ ଗତକାଲି ପୁନଃ ମତଦାନ କରାଯାଇଥିଲା । ଏଥିରେ ସର୍ବାଧିକ ଭୋଟ୍ ପାଇଥିବା ପ୍ରଥମ ଦୁଇ ଜଣ ପ୍ରତିଦ୍ୱନ୍ଦ୍ୱୀ ପେଜେସ୍କିଆନ ଏବଂ ଜଲିଲି ନିର୍ବାଚନ ରଣାଙ୍ଗନରେ ରହିଥିଲେ ।

ଇରାନ୍‌ର ଚତୁର୍ଦ୍ଦଶ ରାଷ୍ଟ୍ରପତି ନିର୍ବାଚନ ୨୦୨୫ରେ ହେବାକୁ ଥିବାବେଳେ ରାଷ୍ଟ୍ରପତି ଇବ୍ରାହିମ୍ ରାଇସିଙ୍କର ଗତ ମଇ ୧୯ ତାରିଖରେ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ଆଗୁଆ ନିର୍ବାଚନ ଅନୁଷ୍ଠିତ ହୋଇଛି ।

## ନେପାଳ - ପି.ଏମ୍.

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ ଆସନ୍ତା ୧୨ ତାରିଖ ଦିନ ସଂସଦରେ ଆସ୍ଥା ଭୋଟ ଲୋଡ଼ିବେ । ସଂସଦ ସଚିବଙ୍କୁ ଚିଠି ଲେଖି ଶ୍ରୀ ଦହଲ ଏଥିପାଇଁ ପଦକ୍ଷେପ ନେବାକୁ କହିଛନ୍ତି । ଶାସକ ମେଣ୍ଟର ଦୁଇ ସହଯୋଗୀ ଦଳ ସି.ପି.ଏନ୍.-ୟୁ.ଏମ୍.ଏଲ୍. ଗତ ବୁଧବାର ଦିନ ଏବଂ

ଜେ.ଏସ୍.ପି. ଗତକାଲି ତାଙ୍କର ସମର୍ଥନ ପ୍ରତ୍ୟାହାର କରିନେବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ନେପାଳୀ କଂଗ୍ରେସ ଦଳ ସହ ସି.ପି.ଏନ୍.-ୟୁ.ଏମ୍.ଏଲ୍. ମେଣ୍ଟ କରିବା ପରିପ୍ରେକ୍ଷୀରେ ସମର୍ଥନ ପ୍ରତ୍ୟାହାର କରିଛି ।

ନେପାଳର ପ୍ରଧାନମନ୍ତ୍ରୀ ଭାବେ ଗତ ୨୦୨୨ ମସିହା ଡିସେମ୍ବର ୨୫ ତାରିଖରେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଦହଲ ପଞ୍ଚମ ଥରପାଇଁ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେଉଛନ୍ତି । ୨୭୫ ସଦସ୍ୟ ବିଶିଷ୍ଟ ସଂସଦରେ ଶ୍ରୀ ଦହଲଙ୍କୁ ୧୭୮ ଜଣଙ୍କର ସହଯୋଗ ଆବଶ୍ୟକ ପଡ଼ିବ । କିନ୍ତୁ ତାଙ୍କ ପାଖରେ ନିଜ ଦଳର ୭୩ ଜଣ ସଦସ୍ୟଙ୍କର ସମର୍ଥନ ରହିଛି ।

ଅନ୍ୟପକ୍ଷରେ ସଂସଦରେ ସବୁଠାରୁ ଆସନ ହାସଲ କରିଥିବା ନେପାଳୀ କଂଗ୍ରେସ ସି.ପି.ଏନ୍.-ୟୁ.ଏମ୍.ଏଲ୍. ଦଳର ମୁଖ୍ୟ କେ.ପି. ଶର୍ମା ଓଲିଙ୍କୁ ସରକାର ଗଢ଼ିବାପାଇଁ ସମର୍ଥନ ଘୋଷଣା କରିଛି । ଦୁଇ ଦଳ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ଶ୍ରୀ ଓଲି ପ୍ରଥମ ଦେଢ଼ମାସ ପାଇଁ ମେଣ୍ଟର ନେତା ଭାବେ ଦାୟିତ୍ୱ ନିର୍ବାହ କରିବେ । ପରବର୍ତ୍ତୀ ସମୟ ନେପାଳ କଂଗ୍ରେସ ସଭାପତି ଶେର୍ ବାହାଦୁର ଦେଓବା ସରକାରଙ୍କ ନେତୃତ୍ୱ ନେବେ ।

## ଆସାମ - ସମ୍ପୂର୍ଣ୍ଣତା ଅଭିଯାନ

ସମ୍ପୂର୍ଣ୍ଣତା ଅଭିଯାନ ଆସାମର ବିଭିନ୍ନ ଆକାଂକ୍ଷୀ ଜିଲ୍ଲାରେ ଆରମ୍ଭ ହେଉଛି । ଏହି ଅଭିଯାନ ଅଧୀନରେ ଆଜି ବକ୍ସା ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବୋଡୋଲାଣ୍ଡ ଆଞ୍ଚଳିକ ପରିଷଦର

ଅଧ୍ୟକ୍ଷ କଟିରାମ ବୋଡୋ ଏବଂ ଜିଲ୍ଲା କମିଶନର କ୍ରିଷ୍ଣା ବାରୁଆଙ୍କ ଦ୍ୱାରା ଏକ ସଚେତନତା ର୍‍ୟାଲିର ଶୁଭାରମ୍ଭ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

## ଇଣ୍ଡିଆ-ଜିମ୍ବାୱେ ଟି.-୨୦

ଭାରତ ଓ ଜିମ୍ବାୱେ ପଞ୍ଚଟିକିଆ ଟି-ଟ୍ୱେଣ୍ଟି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଆଜି ଜିମ୍ବାୱେର ହରାରେଠାରେ ପରସ୍ପରକୁ ଭେଟିବେ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୪ଟାରେ ଏହି ମ୍ୟାଚ୍  ଖେଳାଯିବ । ରୋହିତ ଶର୍ମା, ବିରାଟ କୋହଲି ଏବଂ ରବୀନ୍ଦ୍ର ଜାଡେଜାଙ୍କ ଟି-ଟ୍ୱେଣ୍ଟି ମ୍ୟାଚ୍‌ରୁ ଅବସର ନେବା ପରେ ଏହା ହେଉଛି ଭାରତର ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ । ଗତମାସରେ ୱେଷ୍ଟ ଇଣ୍ଡିଜ୍‌ରେ ଭାରତ ବିଶ୍ୱକପ୍ ବିଜୟ ହେବା ପରେ ଦଳର କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଜିମ୍ବାୱେ ଗସ୍ତରେ  ଯାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା, ରିୟାନ୍ ପରାଗ ଏବଂ ତୁଷାର ଦେଶପାଣ୍ଡେଙ୍କ ଭଳି ଯୁବ ଖେଳାଳି ଏହି ଦଳରେ ସାମିଲ୍ ହୋଇଛନ୍ତି ।

*****